## ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

ତରବୋଡ,(ଡି.ଏନ.ଏ.): ନୂଆପଡା ଜିଲାରେ ଦିନକୁ ଦିନ ଛୋଟବଡ ଦୁର୍ଘଟଣା ଥମିବାର ନାଁ ନେଉନି। ପୁଣି ଶନିବାର ବିଳମ୍ବିତ ରାତିରେ ୩୫୩ ନମ୍ବର ଜାତୀୟ ରାଜପଥ ଉପରେ କୋମନା ପୁରୁଣା ଛକ ନିକଟରେ ଏକ ଅଜଣା ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତଙ୍କ ନାମ ହେମନ୍ତ ମାଝି (୩୦) ଓ ଘର କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଖଲିଆକାନି ଗାଁର ବୋଲି ଜଣାପଡିଛି। ହେମନ୍ତ ବିଳମ୍ବିତ ରାତିରେ ଚାଲି ଚାଲି ଯାଉଥିବା ବେଳେ ପଛପଟୁ ଏକ ଗାଡି ଧକ୍କା ଦେଇ ଫେରାର ହୋଇଯାଇଥିଲା। କୋମନା ଥାନା ପୋଲିସ ଖବର ପାଇ ଖଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ରବିବାର ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରି ତଦନ୍ତ ଜାରି ରଖିଛି।

## ସଂକ୍ଷେପରେ

### ଜାତୀୟସ୍ତର ସାଧାରଣତନ୍ତ୍ର ଦିବସ ପରେଡରେ ଭାଗ ନେବେ କଳାହାଣ୍ଡିର ପ୍ରତ୍ୟୁଷ



ଜୁନାଗଡ, ୨୦।୧୨ (ଡି.ଏନ.ଏ.): ଦିଲ୍ଲୀରେ ହେବାକୁ ଥିବା ଜାତୀୟସ୍ତର ସାଧାରତନ୍ତ୍ର ଦିବସ ପରେଡ୍‌ରେ ଓଡିଶାର ୨୬ ଜଣିଆ କ୍ୟାଡେଟ୍ ଭାଗ ନେବେ। ଏହି ୨୬ ଜଣିଆ ଏନ୍‌ସିସି ଟ୍ରୁପରେ ରାଜ୍ୟର ବିଭିନ୍ନ ଜିଲାର କ୍ୟାଡେଟ୍ ରହିଛନ୍ତି। ବର୍ତ୍ତମାନ ଭୁବନେଶ୍ୱର ଏୟାରପୋର୍ଟ ରୋଡରେ ଏହି କ୍ୟାଡେଟ୍‌ମାନଙ୍କୁ ତାଲିମ ଦିଆଯାଉଛି। ଆସନ୍ତା ୧୯ ତାରିଖ ଏହି ଏନ୍‌ସିସି ଟ୍ରୁପ ଦିଲ୍ଲୀ ଯିବେ। କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଭଇଁରୀଗୁଡାର ପ୍ରତ୍ୟୁଷ କୁମାର ବାଣୁଆ ଏହି ଟ୍ରୁପରେ କ୍ୟାଡେଟ୍ ଭାବେ ଚୟନ ହୋଇଛନ୍ତି। ଯାହାକୁ ନେଇ ଜିଲାବାସୀଙ୍କ ମଧରେ ଖୁସି ଦେଖିବାକୁ ମିଳିଛି। ଜିଲାର ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଜଣାଯାଇଛି।

### ଭାଲୁ ଆକ୍ରମଣରେ ବୃଦ୍ଧ ଗୁରୁତର

କୋକସରା,୨୦।୧୨ (ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ କୁଲେରଗୁଡା ଗ୍ରାମରେ ରବିବାର ସକାଳୁ ଭାଲୁ ଆକ୍ରମଣରେ ଜଣେ ବୃଦ୍ଧ ଗୁରୁତର ଆହତ ହୋଇଛନ୍ତି। ବୃଦ୍ଧ ଜଣକ ହେଲେ ତିଳ ପୋଟି (୬୦)। ତିଳ ଭୋରରେ ଗାଁ ନିକଟ ନାଳକୁ ଶୌଚ ପାଇଁ ଯାଉଥିବାବେଳେ ଭାଲୁ ତାଙ୍କୁ ଆକ୍ରକଣ କରିଥିଲା। କୌଣସି ମତେ ସେ ଭାଲୁ କବଳରୁ ରକ୍ଷା ପାଇଥିଲେ। ପରିବାର ଲୋକ ୧୦୮ ଆମ୍ବୁଲାନ୍ସ ଯୋଗେ ପ୍ରଥମେ କୋକସରା ଡାକ୍ତରଖାନା ପରେ ତାଙ୍କୁ ଧାର୍ମଗଡ ଉପଖଣ୍ଡ ଚିକିତ୍ସାଳୟ ସ୍ଥାନାନ୍ତରିତ କରିଥିଲେ।

### ଯୁବ ଯାଦବ ମହାସଭା ପକ୍ଷରୁ ଅସହାୟ ପରିବାରକୁ ସହାୟତା

କୋକସରା, ୨୦।୧୨ (ଡି.ଏନ.ଏ.): କଳାହାଣ୍ଡି ଜିଲା ଯୁବ ଯାଦବ ମହାସଭା ପକ୍ଷରୁ କୋକସରା ବ୍ଲକ କୁସୁମଖୁଣ୍ଟି ଗ୍ରାମର ଅସହାୟ ବିଧବା ମହିଳା ସକୁନ୍ତଳା ବେମାଲଙ୍କ ରବିବାରକୁ ସହାୟତା ପ୍ରଦାନ କରିଛନ୍ତି । ମହିଳାଙ୍କ ସ୍ୱାମୀଙ୍କ ମୃତ୍ୟୁ ପରେ ଅସହାୟ ହୋଇପଡ଼ିଥିବା ବେଳେ କୁଲି ମଜୁରି କାମ କରି ଚଳୁଥିଲେ। ଏହା ଜାଣିବା ପରେ ଜିଲା ଯୁବ ଯାଦବ ମହାସଭା ସଭାପତି ଗୋବିନ୍ଦ ବନଛୋରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କୁସୁମଖୁଣ୍ଟିକୁ ଯାଇ ତାଙ୍କୁ ଅର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଜିଲା ଯୁବ ଯାଦବ ମହାସଭା ସାଧାରଣ ସମ୍ପାଦକ ସତ୍ୟ ଧଙ୍ଗଡାମାଝି, କୋକସରା ବ୍ଲକ ଯାଦବ ସମିତି ସଭାପତି ବିନୋଦ ରାଉତ, ସମ୍ପାଦକ ଅଲେଖ ଚନ୍ଦ୍ର ଗୋପାଳ, ଜିଲା ଯୁବ ଯାଦବ ମହାସଭା ସମ୍ପାଦକ ଲିଙ୍ଗରାଜ ବେହେରା, ଉପସଭାପତି ସୁନିଲ କୁମାର ଧଙ୍ଗଡାମାଝି, ସମ୍ପାଦକ ତ୍ରିଲକ୍ଷ ନାଏକ, ଯୁବ ଯାଦବ ପ୍ରକାଶ ବନଛୋର ପ୍ରମୁଖ ଉପସ୍ଥିତ ଥିଲେ।

### ବିଶ୍ୱ ବୌଦ୍ଧିକ ସମ୍ପଦ ଫୋରମ୍‌ରେ ଡ. ବିଜୟ୍ ସାହୁ

ଭବାନୀପାଟଣା,୨୦।୧୨ (ଡି.ଏନ.ଏ.): ବିଶ୍ୱ ବୌଦ୍ଧିକ ସମ୍ପଦ ଫୋରମ୍‌ର ଭର୍ଚୁଆଲ ସମାବେଶ ଗତ ୧୮ ତାରିଖରୁ ଆରମ୍ଭ ହୋଇଛି। ଏଥିରେ କଳାହାଣ୍ଡିର ଆଇପି ଲିଡର ଡ. ବିଜୟ୍ ସାହୁ ଯୋଗଦେବା ସୁଯୋଗ ପାଇଛନ୍ତି। ଗତ ୧୮ରୁ ୨୦ ତାରିଖ ପର୍ଯ୍ୟନ୍ତ ତିନି ଦିନ ବ୍ୟାପୀ ୱାର୍ଲଡ ଆଇପି ଫୋରମର ଅଷ୍ଟମ ସମାବେଶ ଆରମ୍ଭ ହୋଇଛି। ସମାବେଶରେ ସମଗ୍ର ବିଶ୍ୱରୁ ପ୍ରାୟ୍ ୪ ଶହ ଜଣ ଯୋଗଦେଇଥିଲେ। କେବଳ ଭାରତରୁ ୩୦ ଜଣ ଆଇପି ଲିଡର ଯୋଗଦେଇଛନ୍ତି। ଏହି ଉତ୍ସବରେ ଦକ୍ଷିଣ ଏସିଆ ଦାୟିତ୍ୱରେ ଥିବା ଆମେରିକାର ଆଇପି ଲିଡର ଜନ କାବିକା, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଏସିଆ ଉପଦେଷ୍ଟା ଡ. ମନୀଷା ଶ୍ରିଧର, ପୂର୍ବ କେନ୍ଦ୍ରମନ୍ତ୍ରୀ ସୁରେଶ ପ୍ରଭୁ ପ୍ରମୁଖଙ୍କ ସହ ବିଶାଖାପାଟଣା ଏନଆରଡିସିର ଆଞ୍ଚଳିକ ମ୍ୟାନେଜର ତଥା ୟୁଏନ ଉଇପୋର ମୁଖ୍ୟ ଡ. ବିୟ୍ୟ ସାହୁ ଉଦବୋଧନ ଦେଇଥିଲେ। ଡ. ସାହୁ କଳାହାଣ୍ଡି ଜିଲା ମଦନପୁର ରାମପୁର ବ୍ଲକ ଅଇଁଲାପାଲି ଗ୍ରାମର ଅଧିବାସୀ ଅଟନ୍ତି।

# ପୁନର୍ବିଚାର ଦାବି କଲେ ଅଭିଭାବକ

### ସ୍କୁଲ ବନ୍ଦ ନିଷ୍ପତ୍ତିକୁ ବିରୋଧ

ବରଗଡ଼ ଅଫିସ୍,୨୦।୧୨

ରାଜ୍ୟର ପ୍ରାଥମିକ ସ୍କୁଲ ଗୁଡ଼ିକରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା କମ୍ ଥିବା ଦର୍ଶାଇ ସରକାର କେତେକ ସ୍କୁଲକୁ ଅନ୍ୟ ପାଖ ସ୍କୁଲ ସହିତ ମିଶ୍ରଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହାପରେ ବିଭିନ୍ନ ସ୍କୁଲର ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି କ୍ରମରେ ରବିବାର ବରଗଡ଼ ଜିଲା ଝାରବନ୍ଧ ବ୍ଲକ ଅଭିଭାବକ ସଂଘ ପକ୍ଷରୁ ଏକ ବୈଠକ ବସିଥିଲା। ଝସକେତନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବ୍ଲକର ୧୫ଟି ସ୍କୁଲର ଅଭିଭାବକମାନେ ଉପସ୍ଥିତ ଥିଲେ। ପ୍ରାଥମିକ ସ୍କୁଲକୁ ବନ୍ଦ କରି ସରକାର ଅଧିକ ଉନ୍ନତ ଶିକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଆଳରେ ଶିକ୍ଷାର ମୌଳିକ ଅଧିକାରକୁ ଛଡ଼ାଇ ନେଉଛନ୍ତି ବୋଲି ଅଭିଭାବକମାନେ ମତପ୍ରକାଶ କରିଥିଲେ। ପିଲାମାନଙ୍କର ସୁରକ୍ଷା ଦୃଷ୍ଟିରୁ ସେମାନଙ୍କୁ ଅନ୍ୟ ସ୍କୁଲକୁ ଛାଡ଼ିବେ ନାହିଁ। ଫଳରେ ସରକାର ସେ ଦିଗରେ ପୁନର୍ବିଚାର କରନ୍ତୁ ବୋଲି ଅଭିଭାବକ ସଂଘ ଦାବି କରିଛି।

ଝାରବନ୍ଧ ବ୍ଲକରେ ୧୫ଟି ପ୍ରାଥମିକ ସ୍କୁଲକୁ ବନ୍ଦ ତଥା ଅନ୍ୟ ସ୍କୁଲ ସହିତ ମିଶ୍ରଣ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ସେଥିମଧ୍ୟରେ ଚନ୍ଦ୍ରମଣିପୁର, ଲୋହରସିଂହ, ଗଠୁଗୁଡ଼ା, ସଂକ୍ରି, ଅନୁଗୁଳ, ଜଗଦଲପୁର, ଛୋଟଅନକି, ଡୁଙ୍ଗୁରିପାଲି, ନିଲଜିପତରା, ଭଏଁସାଦର୍ହା, ଭଣ୍ଡାରପୁରୀ, ବିଲାସପୁର, ମହଗାଁ, ରାଜେନ୍ଦ୍ରପୁର ଆଦି ସ୍କୁଲ ରହିଛି। ଝାରବନ୍ଧ ବ୍ଲକ ଜିଲାର ଦାଦନ ପ୍ରବଣ ଅଞ୍ଚଳ। ଅଧିକାଂଶ ଅଞ୍ଚଳକୁ ଜଙ୍ଗଲ ମଧ୍ୟରେ ରାସ୍ତା ସଂଯୋଗ ରହିଛି। ଉକ୍ତ ସ୍କୁଲ ଗୁଡିକ ବନ୍ଦ ହେଲେ ପିଲାମାନେ ଅନ୍ୟ ସ୍କୁଲକୁ ଯିବାବେଳେ ସେମାନଙ୍କ ଜୀବନ ପ୍ରତି ବିପଦ ରହିଛି ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ସେହିପରି ଭୌଗୋଳିକ ଦୃଷ୍ଟିକୋଣରୁ ମଧ୍ୟ ଜଙ୍ଗଲ, ନଦୀ, ନାଳ, ରାସ୍ତା ଥିବାରୁ ପିଲାମାନେ ଦୂରସ୍ଥାନକୁ ଯିବାରେ ସମସ୍ୟା ସୃଷ୍ଟି କରିବ। ଫଳରେ ରାଜ୍ୟ ସରକାର ସ୍କୁଲ ବନ୍ଦ ତଥା ମିଶ୍ରଣ ନିଷ୍ପତ୍ତିକୁ ପୁନଃ ବିଚାର କରିବା ସହିତ ଝାରବନ୍ଧ ବ୍ଲକର ଉକ୍ତ ୧୫ଟି ସ୍କୁଲକୁ ଚାଲୁ ରଖିବାକୁ ଦାବି ହୋଇଛି। ଉକ୍ତ ବୈଠକରେ ବିଭିନ୍ନ ସ୍କୁଲର ଅଭିଭାବକ ନରେନ୍ଦ୍ର ସିଂ, ମନବୋଧ ପ୍ରଧାନ, ସୁଶାନ୍ତ ସିଂ, ଜୟପ୍ରକାଶ ପ୍ରଧାନ, ବୃନ୍ଦାବନ ସିଂ, ମହାଦେବ ପ୍ରଧାନ, ଅମର ଠାକୁର, ଉପେନ୍ଦ୍ର ସିଂ, ଅମର ନାୟକ, ସନ୍ତୋଷ ସାହୁ, ସୁରେଶ ପଟେଲ, ଲକ୍ଷ୍ମଣ ଠାକୁର ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଅଭିଭାବକବୃନ୍ଦ।

# ପର ଘରେ ଆଶ୍ରୟ ନେଇଛନ୍ତି ୨ ପରିବାର



ଆଶ୍ରୟ ନେଇଥିବା ପଲିଥିନ ଘର ସମ୍ନାରେ ଚନ୍ଦ୍ର ଶେଖରଙ୍କ ପରିବାର।

### ଘର ଭାଙ୍ଗିବାର ୩ ବର୍ଷ ବିତିଲା

କର୍ଲାମୁଣ୍ଡା, ୨୦।୧୨ (ଡି.ଏନ.ଏ.)

ସରକାର ବାସହୀନମାନଙ୍କୁ ଗୃହ ଯୋଗାଇ ଦେବା ପାଇଁ ଯୋଜନା କରୁଥିଲେ ହେଁ ଗରୀବ ବାସହୀନଙ୍କ ପାଇଁ ଯୋଜନାଗୁଡିକ ଅପହଞ୍ଚ ହୋଇ ରହିଯାଉଛି। ଏଭଳି ଏକ ଘଟଣା କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହାଲ ପଞ୍ଚାୟତ ଧଅଁରାଖମନଠାରେ ଦେଖିବାକୁ ମିଳିଛି। ଖବର ଅନୁସାରେ ବ୍ଲକ ସଦଠାରୁ ପ୍ରାୟ ୧୫ କିଲୋମିଟର ଦୂର ଜିଲାର ଶେଷଭାଗ ତଥା ବଲାଙ୍ଗୀର ଜିଲାର ସୀମାରେ ରହିଛି ଧଅଁରାଖମନ ଗାଁ। ଏହି ଗାଁର ଚନ୍ଦ୍ରଶେଖର ଭୋଇ ତାଙ୍କ ସ୍ତ୍ରୀ ଓ ଦୁଇ ପୁଅ ବୋହୂ ନାତି ମୋଟ ୭ ଜଣଙ୍କୁ ନେଇ ଗାଁ ବସ୍ତିରେ ରହି ଆସୁଥିଲେ। ଆଜକୁ ୩ ବର୍ଷ ତଳେ ଚନ୍ଦ୍ରଶେଖରଙ୍କ ଘର ବର୍ଷାରେ ଭାଙ୍ଗି ଯଯାଇଥିଲଶ। ଅର୍ଥ ଅଭାବରୁ ଘରକୁ ସଜାଡି ପାରିଲେ ନାହିଁ। ଘର ପାଇବା ପାଇଁ ପଞ୍ଚାୟତଠୁ ବ୍ଲକ ଯାଏଁ ସମସ୍ତଙ୍କ ପାଖରେ ଗୁହାରୀ କରିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଖଣ୍ଡେ ମିଳୁ ନ ଥିବା ଚନ୍ଦ୍ରଶେଖର ଅଭିଯୋଗ କରିଛନ୍ତି। ବର୍ତ୍ତମାନ ତାଙ୍କ ଗାଁର ବିଶ୍ୱମ୍ଭର ଭୋଇଙ୍କ ଘରେ ଚନ୍ଦ୍ରଶେଖର ଭୋଇ (୬୫) ତାଙ୍କ ସ୍ତ୍ରୀ ବନିତା ଓ ପୁଅ ଅବିନାଶ (୨୦) ଆଶ୍ରୟ ନେଇଥିବା ବେଳେ ବଡପୁଅ ନାଥ ଭୋଇ (୩୫) ତାଙ୍କ ସ୍ତ୍ରୀ ରଜନୀ (୩୨) ଓ ଦୁଇପୁଅ ରଞ୍ଜନ ଭୋଇ (୬) ରାହୁଲ (୩)ଙ୍କୁ ନେଇ ଗାଁର ଅନ୍ୟ ଏକ ଗରେ ଆଶ୍ରୟ ନେଇଥିବା ଦେଖିବାକୁ ମିଳିଛି। ଏହି ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ଧଅଁରାଖମନ ଗ୍ରାମ ବିକାଶ କମିଟି ସଭାପତି ଅନିରୁଦ୍ଧ ପୁଟେଲ, ସମ୍ପାଦିକା ମମତା ଭୋଇ, ସଭ୍ୟ ବଳଦେବ ଭୋଇ ଦାବି କରିଛନ୍ତି।

# ଖଇରମାଳ ଫୁଟବଲ: ମିର୍ଦ୍ଧାପଡା ଚାମ୍ପିୟନ୍

ବିନିକା,୨୦।୧୨(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିଂଘିଯୁବା ଗ୍ରାପ ଖଇରମାଳ ଗାଁର ଶ୍ରୀହରିଶଙ୍କର ୟୁଥ୍ କ୍ଲବ ଆୟୋଜନ କ୍ରମେ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ଖେଳ ଶନିବାର ସେମିଫାଇନାଲକୁ ପ୍ରବେଶ କରିଥିବା ୪ଟି ଦଳକୁ ନେଇ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ସେମିଫାଇନାଲ ମ୍ୟାଚ୍ ଆଖିଦାଦର ଏବଂ ଡୁରୁମ୍ ଦଳ ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଡୁରୁମ ଆଖିଦାଦର ଦଳକୁ ୨-୦ ଗୋଲ ଦେଇ ଫାଇନାଲକୁ ପ୍ରବେଶ କରିଥିଲା। ପରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ମିର୍ଦ୍ଧାପଡା ଦଳ ଏବଂ ବ୍ରାହ୍ମଣୀ ଡୁରୁମ୍ ଦଳ ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟରେ ମିର୍ଦ୍ଧାପଡା ଦଳ ବ୍ରାହ୍ମଣୀ ଡୁରୁମ୍ ଦଳକୁ ୧-୦ ଗୋଲ ଦେଇ ଫାଇନାଲକୁ ପ୍ରବେଶ କରିଥିଲା। ଏହାପରେ ଫାଇନାଲ ଖେଳ ଡୁରୁମ ଦଳ ଏବଂ ମିର୍ଦ୍ଧାପଡା ଦଳ ମଧ୍ୟରେ ହେଲା । ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ କେହି କାହାକୁ ଗୋଲ୍ କରି ନ ପାରିବାରୁ ପେନାଲଟି ଶୁଟ୍ ଆଉଟ୍ ହୋଇଥିଲା। ଶୁଟ୍‌ଆଉଟ୍ ପ୍ରକ୍ରିୟାରେ ମିର୍ଦ୍ଧାପଡା ଦଳ ଡୁରୁମ ଦଳକୁ ୩-୦ ଗୋଲ ଦେଇ ପରାଜିତ କରି ଖଇରମାଳ ଫୁଟବଲ ମ୍ୟାଚ୍‌ର ଚାମ୍ପିୟାନ ଦଳ ସାଜିଥିଲା। ଫାଇନାଲ ଖେଳ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ସିଂଘିଯୁବା ପ୍ୟାକ୍ସର ସମ୍ପାଦକ ପ୍ରମୋଦ କୁମାର ଭୁଏ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସନ୍ତୋଷ ଭୋଇ ,ଯାଦବ କୁମାର ଭୁଏ , କ୍ଷୀରସାଗର ବିଭାର ,ବିଶ୍ୱଜିତ ପାଢୀ ଓ ରାମଜୀ ପଧାନ ଯୋଗଦାନ କରିଥିଲେ। ଅତିଥିମାନେ ମିର୍ଦ୍ଧାପଡା ଦଳକୁ ଚାମ୍ପିୟନ ଟ୍ରଫି ସହ ଘୋଷିତ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଫାଇନାଲ ମ୍ୟାଚ୍‌ରେ ଚିତ୍ତାକର୍ଷକ ଖେଳ ପ୍ରଦର୍ଶନ କରିଥିବା ଫୁଟବଲ କ୍ରୀଡାବିତ୍ ମହେଶ ପଧାନ ମ୍ୟାନ ଅଫ୍ ଦ ମ୍ୟାଚ୍ ଓ ପିଣ୍ଟୁ ତରିଆଙ୍କୁ ମ୍ୟାନ୍ ଅଫ୍ ଦ ସିରିଜ୍ ଭାବରେ ଟ୍ରଫି ସହ ପୁରସ୍କାର ଅର୍ଥରାଶି ପ୍ରଦାନ କରାଯାଇଥିଲା। ଖଇରମାଳ ଫୁଟବଲ୍ ମ୍ୟାଚ୍‌ରେ ୫ଦିନ ଧରି ରେଫରି ଦାୟିତ୍ୱ ତୁଲାଇଥିବା ଆନନ୍ଦ ଭୁଏ ,ସାରଙ୍ଗ ପଧାନ ଓ ଆନନ୍ଦଙ୍କୁ ଖଇରମାଳ ଶ୍ରୀ ହରିଶଙ୍କର ୟୁଥ୍ କ୍ଲବ୍ ପକ୍ଷରୁ ସମ୍ମାନିତ କରା ଯାଇଥିଲା। ତେବେ ୫ଦିନ ଧରି ଚାଲିଥିବା ଫୁଟବଲ ମ୍ୟାଚ୍ ପରିଚାଳନାରେ ଗଜପତି ପାତ୍ର ,ଦେବ ପଧାନ,ବ୍ରଜ ବାରିକ, ବିପ୍ଳବ ରଞ୍ଜନ ଦାଶ ପ୍ରମୁଖ ସହଯୋଗ କରିଥିଲେ।



ମିର୍ଦ୍ଧାପଡା ଦଳ ଚାମ୍ପିୟନ ଟ୍ରଫି ସହ ପୁରସ୍କାର ରାଶି ଗ୍ରହଣ କରୁଛନ୍ତି।

## କଳାହାଣ୍ଡି ଜିଲାରେ ପ୍ରବଳ କୁହୁଡି ସାଙ୍ଗକୁ ଶୀତ

ଭବାନୀପାଟଣା,୨୦।୧୨ (ଡି.ଏନ.ଏ.)

ପ୍ରବଳ ଶୀତରେ ଥରୁଛି ସମଗ୍ର କଳାହାଣ୍ଡି ଜିଲା। ରାତିରେ ତାପମାତ୍ରା ୧୦ ଡିଗ୍ରୀକୁ ଖସିଆସିଥିଲା ବେଳେ ସକାଳୁ ଚାରିଆଡେ ଘନ କୁହୁଡିର ଆସ୍ତରଣ ସାଧାରଣ ଜୀବନଯାତ୍ରାକୁ ଅସ୍ତବ୍ୟସ୍ତ କରୁଛି। ଗାଡିମୋଟରେ ଯାତ୍ରା କରୁଥିବା ଚାଳକମାନଙ୍କୁ ପ୍ରବଳ କୁହୁଡି ଯୋଗୁ ଠିକ୍ ଭାବେ ରାସ୍ତା ଦେଖାଯାଉ ନ ଥିବାରୁ ପ୍ରତିମୁହୁର୍ତ୍ତରେ ର୍ଦୁଘଟଣା ଘଟିବାର ଆଶଙ୍କା ରହିଛି। ପ୍ରବଳ ଶୀତ ଯୋଗୁ ବିଶେଷ କରି ଗରିବ ଲୋକମାନଙ୍କ ସହ ବୟସ୍କ, ଶିଶୁ ଓ ରୋଗଗ୍ରସ୍ତମାନେ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳୁଛି। ମର୍ଣିଂୱାକ୍ କରିବାକୁ କିଛି ଲୋକଙ୍କୁ ବାଦ୍ ଦେଲେ ଭୋରରୁ ଭବାନୀପାଟଣା ସହର ଓ ତାର ଆଖପାଖ ଅଞ୍ଚଳ ଜନସୂନ୍ୟ ରହୁଛି। ବିଭିନ୍ନ ବଦାନ୍ୟ ବ୍ୟକ୍ତି ଓ ଧାର୍ମିକ ଅନୁଷ୍ଠାନ ପକ୍ଷରୁ ଗରିବ ଲୋକମାନଙ୍କୁ କମ୍ବଳ, ଚାଦର ଭଳି ଶୀତ ବସ୍ତ୍ର ବାଣ୍ଟୁଛନ୍ତି। କହାଣ୍ଡି ଜିଲାର ପାର୍ବତ୍ୟ ଅଞ୍ଚଳରେ ଥିବା ଗ୍ରାମଗୁଡିକରେ ମଧ ପ୍ରବଳ ଶୀତ ଅନୁଭୂତ ହେଉଥିବା ଖବର ମିଳୁଛି। ବିଶେଷ କରି ସମୁଦ୍ର ପତ୍ତନ ଠାରୁ ୭୨୩ ମିଟର ଉଚ୍ଚତାରେ ଥିବା କଳାହାଣ୍ଡି ଜିଲାର ଥୁଆମୂଳ ରାମପୁର ବ୍ଲକରେ ତାପମାତ୍ରା କମ୍ ରହୁଥିବା ଓ ରାତିରେ ପ୍ରବଳ କୁହୁଡି ପଡୁଥିବା ଯୋଗୁ ଲୋକମାନଙ୍କ ଜୀବନଯାତ୍ରା ବିପର୍ଯ୍ୟସ୍ତ ହୋଇପଡିଛି।

## ବାଲି ଚୋରାଚାଲାଣ, ୨୦ ହଜାର ଜରିମାନା

ଜାମଟିକ୍ରା,୨୦।୧୨(ଡି.ଏନ.ଏ.)

ଅତାବିରା ତହସିଲର ଲରମ୍ବା ନିକଟ ଝାଇଁଜୋର ନଦୀରୁ ବେଆଇନ ବାଲି ଚାଲାଣ ହେଉଛି । ଏଭଳି ଅଭିଯୋଗରେ ଶନିବାର ତହସିଲ କର୍ତ୍ତୃପକ୍ଷ ଚଢାଉ କରି ୨ଟି ବାଲି ବୋଝେଇ ଟ୍ରାକ୍ଟର (ନଂ.ଓଡି୧୭ଡି/୨୩୮୬ ଓ ନଂ. ଓଡ଼ି୧୭ଜି/୪୪୪୫)କୁ ଜବତ କରିବା ସହ ୨୦ ହଜାର ଟଙ୍କା ଜରିମାନା ଆଦାୟ କରିଥିଲେ। ଅତାବିରା ତହସିଲଦାର ଦୁର୍ଯ୍ୟୋଧନ ଭୋଇଙ୍କ ନେତୃତ୍ୱରେ ରାଜସ୍ୱ ସୁପରଭାଇଜର ଋଷଭ ସାହୁ, କେଶବ ଭୋଇ ପ୍ରମୁଖ ଚଢାଉ କରିଥିଲେ।

# ବରିଷ୍ଠଙ୍କ ସେବାରେ ବ୍ରତୀ ହୁଅ



ଶିବିରରେ ଯୋଗଦାନ କରିଥିବା ବରିଷ୍ଠ ନାଗରିକବୃନ୍ଦ।

### ପ୍ରଶିକ୍ଷଣ ଶିବିରରେ ଆହ୍ୱାନ

ବରଗଡ଼ ଅଫିସ୍,୨୦।୧୨

ବରଗଡ଼ ଜିଲା ବରପାଲି ବ୍ଲକ ବରିଷ୍ଠ ନାଗରିକ ସଂଘ ଶାଖା ପକ୍ଷରୁ ରବିବାର ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରକୁ ପଶ୍ଚିମ ଓଡ଼ିଶା ବରିଷ୍ଠ ନାଗରିକ ସଂଘ ଉପଦେଷ୍ଟା ରକ୍ଷାକାରୀ ବିଶି ଉଦ୍‌ଘାଟନ କରିଥିଲେ। ସଂଘର ବରଗଡ଼ ଜିଲା ସଭାପତି ଅମରେନ୍ଦ୍ର ନାରାୟଣ ଯାଦବ, ସମ୍ପାଦକ ପ୍ରହ୍ଲାଦ ମହାପାତ୍ର, ଉପସଭାପତି ଗୌଣ୍ଟିଆ କୁମାର ସାହୁ, ସଙ୍ଗଠନ ସମ୍ପାଦକ କେଦାର ମିଶ୍ର ପ୍ରମୁଖ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହାସହିତ ବରିଷ୍ଠ ନାଗରିକଙ୍କ ଶାରୀରିକ, ମାନସିକତାକୁ ସ୍ୱଚ୍ଛ, ନିର୍ମଳ ରଖି ଦୃଢ଼ ମନୋବଳ ବଜାୟ ରଖିବା ସହିତ ସେବାରେ ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ। ସେହିପରି ଲୋକଙ୍କ ପାଖକୁ ପହଞ୍ଚି ସଂଘର ଆଭିମୁଖ୍ୟ, ଆଦର୍ଶ ଉପରେ ସଚେତନ କରାଇବା ସହିତ ସଂଘକୁ ସୁଦୃଢ଼ କରିବା, ବରିଷ୍ଠ ନାଗରିକଙ୍କ ଅଧିକାର ସାବ୍ୟସ୍ତ, ଅନ୍ୟାୟ ଓ ଅତ୍ୟାଚାର ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ଶିବିରରେ ଗୁରୁତ୍ୱ ଦିଆଯାଇଥିଲା। ବ୍ଲକ ଶାଖା ସଭାପତି ସୁବଳ ଭୋଇ ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ଲମ୍ବୋଦର ପ୍ରଧାନ, ମିତ୍ରଭାନୁ ଭୋଇ, କ୍ଷମାନିଧି ସାଗର, ଶରତ ଚନ୍ଦ୍ର ପାଣିଗ୍ରାହୀ, ମୋହନ ଚାନ୍ଦ ପ୍ରଧାନ, କୃଷ୍ଣଚନ୍ଦ୍ର ପଟ୍ଟନାୟକ, ତୁଳସୀ ଚରଣ ଦାଶ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ପୁଣି ତୀବ୍ର ହେବ କୋସଲ ଆନ୍ଦୋଳନ

### କୋସଲ ରାଜ୍ୟ ସମନ୍ୱୟ ସମିତି କାର୍ଯ୍ୟକାରୀ କମିଟି ବୈଠକ

ବରଗଡ଼ ଅଫିସ୍,୨୦।୧୨

ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ରବିବାର କୋସଲ ରାଜ୍ୟ ସମନ୍ୱୟ ସମିତି କାର୍ଯ୍ୟକାରୀ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମିତିର ଅଧ୍ୟକ୍ଷ ପ୍ରମୋଦ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆଗାମୀ ଦିନରେ କୋସଲାଞ୍ଚଳର ବିଭିନ୍ନ ଜନଆନ୍ଦୋଳନକୁ ସମନ୍ୱିତ କରି ତଥା କୋସଲ କଥା କହୁଥିବା ଛୋଟବଡ଼ ସବୁ ପ୍ରତିଷ୍ଠାନକୁ ଏକଜୁଟ୍ କରି ବୃହତ୍ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହାସହିତ କୋସଲ ରାଜ୍ୟ ସମନ୍ୱୟ ସମିତିକୁ ପୁନର୍ଗଠନ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ସେହିପରି ପୁଣିଥରେ ସ୍ୱତନ୍ତ୍ର କୋସଲ ରାଜ୍ୟ ଦାବି ନେଇ ଆଗାମୀ ଦିନରେ ଦିଲ୍ଲୀକୁ ଯାଇ କେନ୍ଦ୍ର ସରକାରକୁ ଭେଟିବାକୁ ନିଷ୍ପତ୍ତି ନିଆଯାଇଛି।

ବନ୍ଦେ ଉତ୍କଳ ଜନନୀକୁ ରାଜ୍ୟ ସଙ୍ଗୀତ ମର୍ଯ୍ୟାଦା ପ୍ରସଙ୍ଗରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ଏହା ପ୍ରତ୍ୟାହାର ଦାବିରେ ଆସନ୍ତା ଜାନୁୟାରୀ ୮ତାରିଖରେ ସମଗ୍ର କୋସଲାଞ୍ଚଳରେ ଗଣଧାରଣା କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ସେହିପରି ଧନୁଯାତ୍ରାକୁ କୋଭିଡ୍ କଟକଣା ଯୋଗୁ ବାତିଲ କରାଯାଇ ଥିବାରୁ ଭର୍ଚୁଆଲ(ଅନଲାଇନ୍) ମାଧ୍ୟମରେ ଧନୁଯାତ୍ରା କରିବାକୁ ଦାବି ହୋଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ନାରାୟଣ ମହାପାତ୍ର, ମୋହନ ସାହୁ, କେଦାର ମିଶ୍ର, ପ୍ରମୋଦ ଝାଙ୍କର, ପାଣ୍ଡବ କର୍ଣ୍ଣ, ସୁରସେନ ବହିଦାର, ସୁରେନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ବୈଠକ ପ୍ରାରମ୍ଭରେ କୋସଲବାଦୀ ବୁଦ୍ଧିଜୀବୀ ସ୍ୱର୍ଗତ ଭାଗବତ ପ୍ରସାଦ ନନ୍ଦ, ସ୍ୱର୍ଗତ ଅଭୟ ପାଢ଼ୀ, ସ୍ୱର୍ଗତ ଜ୍ୟୋତିରଞ୍ଜନ ପାଣିଗ୍ରାହୀଙ୍କ ବିୟୋଗରେ ନିରବ ପ୍ରାର୍ଥନା କରାଯାଇଥିଲା।

## ଅଗ୍ନିକାଣ୍ଡରେ ଧାନଗଦା ଜଳିଗଲା

ବୌଦ୍ଧ,୨୦।୧୨(ସ୍ୱ.ପ୍ର.)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ବୀରନରସିଂହପୁର ପଞ୍ଚାୟତ ଅନ୍ତର୍ଗତ ନୂଆପଡା ଗ୍ରାମର ତେନ୍ତୁଳିସାହିରେ ରବିବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ବିଭୀଷଣ ବିଶିଙ୍କ ଗୋଟିଏ ଧାନଗଦା ଓ ପାଳଗଦା ଜଳିଯାଇଛି । ଖବରପାଇ ହରଭଙ୍ଗା ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

# ଫଟାମୁଣ୍ଡା ଉପବିଜେତା, ଦେଢ଼େଣମାଳ ଚାମ୍ପିୟନ

### ମା’ ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

ମନମୁଣ୍ଡା,୨୦।୧୨(ଡି.ଏନ.ଏ.)

କଣ୍ଟାମାଳ ବ୍ଲକ ମସିଣାଗୋରା ଖେଳପଡିଆଠାରେ ଆୟୋଜିତ ହୋଇଥିବା ପଞ୍ଚମ ମା’ ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ୧୬ଟି ଦଳକୁ ନେଇ ଅନୁଷ୍ଠିତ ହୋଇଥିବା ଟୁର୍ନାମେଣ୍ଟର ଅନ୍ତିମ ଖେଳ ଫଟାମୁଣ୍ଡା ଓ ଦେଢେଣମାଳ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଫଟାମୁଣ୍ଡା ଦଳ ଟସ୍ ଜିତି ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୮ ଓଭରରେ ୫ ଉଇକେଟ ହରାଇ ୬୭ ରନ ସଂଗ୍ରହ କରିଥିଲା। ଜବାବରେ ଦେଢେଣମାଳ ଦଳ ୭.୨ ଓଭର ଖେଳରେ ୭ ଉଇକେଟ ହରାଇ ୬୮ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଶଙ୍କର୍ଷଣ ସାହୁ ଏବଂ ଲମ୍ବୋଦର ବେହେରା ଖେଳ ପରିଚାଳନା କରିଥିଲେ। ଭକ୍ତ ସାହୁ ଓ ପ୍ରଦୀପ ସାହୁ ସ୍କୋରର ଏବଂ ସୁଶାନ୍ତ ବାରିକ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଗ୍ରାମ ରୋଜଗାର ସେବକ ସମୀର ଖଟୁଆ ମୁଖ୍ୟଅତିଥି ଏବଂ ଅବସରପ୍ରାପ୍ତ ପ୍ରାଣୀଧନ ନିରୀକ୍ଷକ ରାଧାଚରଣ ବସ୍ତିଆ, ପ୍ରତାପ ରଣା, ପୁରାତନ ଖେଳାଳି ସତନ ମେଣ୍ଡ୍ରିଲି, ବଂଶୀଧର ମାଝି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ବିଜେତା ଦେଢେଣମାଳ, ଉପବିଜେତା ଫଟାମୁଣ୍ଡା ଏବଂ ମ୍ୟାନ ଅଫ ଦି ସିରିଜ ଫଟାମୁଣ୍ଡା ଦଳର ଖେଳାଳି ଦେବେନ୍ଦ୍ର ଭୋଇ, ମ୍ୟାନ ଅଫ ଦି ମ୍ୟାଚ ଭାବେ ଦେଢେଣମାଳ ଦଳର ଖେଳାଳି ଦକ୍ଷଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଆୟୋଜକ ଏମ୍‌ଏମ୍‌ସିସି କ୍ଲବର ସଭାପତି ରଞ୍ଜିତ ଖଟୁଆ, ଉପସଭାପତି ସୁନୀଲ ଖଟୁଆ, ଅଧିନାୟକ ସିବେକା ଖଟୁଆ, ସମ୍ପାଦକ ନିତ୍ୟାନନ୍ଦ କର୍ମୀ, ଭଜମନ ମେଣ୍ଡ୍ରିଲି ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ ।

# ସ୍ଥାୟୀ ନିଯୁକ୍ତି ଦାବିରେ କୋଭିଡ୍ ଯୋଦ୍ଧାଙ୍କ ଧାରଣା

ସୋନପୁର,୨୦।୧୨(ନି.ପ୍ର.)

ସ୍ଥାୟୀ ନିଯୁକ୍ତି ଦାବିରେ କୋଭିଡ୍ ଯୋଦ୍ଧାମାନେ ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରବିବାର ଧାରଣାରେ ବସିଛନ୍ତି। ଏହି ଧାରଣା ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲିବ ବୋଲି ଆନ୍ଦୋଳନକାରୀମାନେ ସୂଚନା ଦେଇଛନ୍ତି। କୋଭିଡ୍-୧୯ ମୁକାବିଲା ପାଇଁ ସୁବର୍ଣ୍ଣପୁର ଜିଲାରେ କୋଭିଡ୍ ହସ୍ପିଟାଲ ଓ ସିସିସି(କୋଭିଡ୍ କେୟାର ସେଣ୍ଟର) ପାଇଁ ୩୮ ଜଣ ଷ୍ଟାଫ୍ ନର୍ସ, ୧୦ ଜଣ ଫାର୍ମାସିଷ୍ଟ, ୨୮ ଜଣ ବହୁମୁଖୀ ମହିଳା ସ୍ୱାସ୍ଥ୍ୟକର୍ମୀ, ୨୫ ଜଣ ବହୁମୁଖୀ ପୁରୁଷ ସ୍ୱାସ୍ଥ୍ୟକର୍ମୀ, ୭ ଜଣ ଟେକ୍ନିସିଆନ ଓ ଜଣେ ରେଡିଓଗ୍ରାଫରଙ୍କୁ ଚୁକ୍ତିଭିତ୍ତିକ ଦୈନିକ ପାରିଶ୍ରମିକ ହିସାବରେ ଅସ୍ଥାୟୀ ନିଯୁକ୍ତି ଦିଆଯାଇଥିଲା। ଏବେ ଜିଲାରେ କରୋନା ମହାମାରୀ ନିୟନ୍ତ୍ରଣକୁ ଆସିଛି। ନଭେମ୍ବର ୧୩ ତାରିଖଠାରୁ ଆଇସିଆଇସ୍ଥିତ କୋଭିଡ୍ ହସପିଟାଲ ରୋଗୀ ଶୂନ୍ୟ ରହିଛି। ସୁବର୍ଣ୍ଣପୁର ରାଜ୍ୟର ପ୍ରଥମ ଜିଲା ଭାବେ କରୋନା ମୁକ୍ତ ହୋଇଛି। ଏଭଳି ସ୍ଥିତିରେ କୋଭିଡ୍ ଯୋଦ୍ଧାଙ୍କୁ କାର୍ଯ୍ୟରୁ ଅନ୍ତର କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ତେଣୁ ସ୍ଥାୟୀ ନିଯୁକ୍ତି ଦାବିରେ କୋଭିଡ୍ ଯୋଦ୍ଧାମାନେ ଶୀତ କାକରରେ ଧାରଣାରେ ବସିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଅନ୍ୟପକ୍ଷେ ରାଜ୍ୟ ସରକାର ରାଜ୍ୟରେ ଖାଲିଥିବା ୬ହଜାରରୁ ଉର୍ଦ୍ଧ୍ୱ ଷ୍ଟାଫନର୍ସ ପଦବୀରେ ନିଯୁକ୍ତି ପାଇଁ ବିଜ୍ଞାପନ ବାହାର କରିଛନ୍ତି। ଜିଲାରେ ୯୨ଟି ଷ୍ଟାଫ୍ ନର୍ସ ପଦ ଖାଲି ଅଛି। ତେଣୁ ଛଟେଇ ଆଶଙ୍କାରେ ଥିବା ୩୮ ଷ୍ଟାଫ୍ ନର୍ସଙ୍କୁ ବିନା ପରୀକ୍ଷାରେ ନିଯୁକ୍ତି ଦେବା ପାଇଁ ଅଞ୍ଜଳି ବାଗ୍ ଓ ରାଜଲକ୍ଷ୍ମୀ ସାହୁ ପ୍ରମୁଖ ଦାବି କରିଛନ୍ତି। ପ୍ରକାଶ ଯେ, କୋଭିଡ୍ କେୟାର ହୋମ(ସିସିଏଚ୍)ରେ କାର୍ଯ୍ୟ କରୁଥିବା ୧୦୯ ମହିଳା ସ୍ୱାସ୍ଥ୍ୟକର୍ମୀ (ଏଏନ୍‌ଏମ୍)ଙ୍କୁ ନଭେମ୍ବର ଦ୍ୱିତୀୟ ସପ୍ତାହରେ କାର୍ଯ୍ୟରୁ ଅନ୍ତର କରାଯାଇଛି ।




କୋଭିଡ୍ ଯୋଦ୍ଧା ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି।

